GOVERNMENT OF ODISHA

FINANCE DEPARTMENT

**Notification**

**The** 26.12. **2016.**

**SRO NO**-------------In exercise of the powers conferred by sub-section (3) of section 11 of the Odisha Value Added Tax Act,2004 (Odisha Act 4 of 2005), the State Government, having been satisfied that it is necessary so to do in the public interest, do hereby make the following amendment to the notification of Government of Odisha in the Finance Department No.1461-FIN-CTI- TAX-0035/2015/FIN, dated the 16th January, 2016, published in the extraordinary issue No. 138 of the Odisha Gazette, dated the 16th January, 2016, bearing SRO No. 54/2016 and direct that the said amendment shall come into force on the 1st day of Janury,2017, namely:-

AMENDMENT

In the said notification,-

(a) in the recital portion, for the figure and words"3.5 per cent", the figure and words " 1.25 percent" shall be substituted and

(b) in Form C-5 ,for the entry against serial No.7, the following entry shall be substituted, namely:-

"7.Computation of tax

| | Turn over (A) | Tax (B) |
|---|---|---|
| (i) Composition @ 1.25% | | |
| (ii) Composition @ 2% | | |
| (ii) Composition @ 3% | | |
| (iv) Composition @ 3.5% | | |
| (v) Composition @ 4% | | |
| (vi) Composition @ 6% | | |
| (vii) Total tax payable | | |

"

[No-34913-FIN-CT1-TAX-0035-2015]

By order of the Governor

Deputy Secretary to Government

**Memo No.** 34914 **/F., Date** 26.12.2016

Copy forwarded to the Gazette Cell of Commerce & Transport Department, Government of Odisha, Bhubaneswar for information and necessary action with a request to publish this notification in an extraordinary issue of the Odisha Gazette immediately.

Four hundred copies of the notification may please be supplied to this Department and one hundred copies to Commissioner of Commercial Taxes, Odisha, Cuttack.

This is statutory and will bear SRO Number.

26/12/16
Deputy Secretary to Government

**Memo No.** 34915 **/F., Date-** 26.12.2016

Copy forwarded to the Commissioner of Commercial Taxes, Odisha, Cuttack for information and necessary action.

26/12/16
Deputy Secretary to Government

**Memo No.** 34916 **/F., Date-** 26.12.2016

Copy forwarded to Head State Portal Group, IT Centre, Secretariat for hosting in the Odisha Government website – www.orissagov.ocac.in Finance Department.

26/12/16
Deputy Secretary to Government

# ଓଡିଶା ସରକାର
## ଅର୍ଥ ବିଭାଗ
## ଅଧିସୂଚନା

ତା 26.12.2016 ରିଖ

ଏସ୍.ଆର୍.ଓ. ସଂଖ୍ୟା - ________ ଓଡିଶା ମୂଲ୍ୟଯୁକ୍ତ କର ଅଧିନିୟମ, 2004 (2005 ର ଓଡିଶା ଅଧିନିୟମ 4) ର ଧାରା 11 ର ଉପଧାରା (3) ଦ୍ୱାରା ଅର୍ପିତ କ୍ଷମତାର ପ୍ରୟୋଗ କ୍ରମେ, ସର୍ବସାଧାରଣ ସ୍ୱାର୍ଥ ଦୃଷ୍ଟିରୁ, ଏପରି କରିବା ଆବଶ୍ୟକ ବୋଲି ରାଜ୍ୟ ସରକାରଙ୍କର ହୃଦବୋଧ ହେବାରୁ, ଓଡିଶା ସରକାରଙ୍କ ଅର୍ଥ ବିଭାଗର ଅଧିସୂଚନା ସଂଖ୍ୟା – 1461-FIN-CT1-TAX-0035/2015/ FIN ତା 16 ଜାନୁଆରୀ, 2016ରିଖ ଯାହା କି ଓଡିଶା ଗେଜେଟର ଅସାଧାରଣ ସଂସ୍କରଣ ସଂ.138 ରେ ତା 16 ଜାନୁଆରୀ, 2016ରିଖରେ SRO ସଂ. 54/2016 ରେ ପ୍ରକାଶିତ ହୋଇଛି, ସେଥିରେ ରାଜ୍ୟ ସରକାର ଏତଦ୍ୱାରା ନିମ୍ନଲିଖିତ ସଂଶୋଧନ କରୁଛନ୍ତି ଏବଂ ନିର୍ଦ୍ଦେଶ କରୁଛନ୍ତି ଯେ ଉକ୍ତ ସଂଶୋଧନଟି ତା 1 ଜାନୁଆରୀ ,2017 ରିଖ ଠାରୁ ଲାଗୁ କରାଯିବ, ଯଥା:-

### ସଂଶୋଧନ

ଉକ୍ତ ଅଧିସୂଚନାରେ,-

(କ) ପ୍ରାସଙ୍ଗିକ ଭାଗରେ ଥିବା "3.5 ପ୍ରତିଶତ" ଅଙ୍କ ଓ ଶବ୍ଦ ଗୁଡିକ ବଦଳରେ "1.25 ପ୍ରତିଶତ " ଅଙ୍କ ଓ ଶବ୍ଦମାନ ପ୍ରତିସ୍ଥାପିତ ହେବ, ଏବଂ

(ଖ)ଫାରମ ଗ-5 ରେ କ୍ରମିକ ସଂଖ୍ୟା 7 ରେ ଥିବା ଦରଜମାନ ପରିବର୍ତ୍ତେ ନିମ୍ନଲିଖିତ ଦରଜମାନ ପ୍ରତିସ୍ଥାପିତ ହେବ, ଯଥା:-

"7. କର ହିସାବ

| | କାରବାର (କ) | କର (ଖ) |
|---|---|---|
| (i) 1.25% ହାରରେ କମ୍ପୋଜିସନ | | |
| (ii) 2% ହାରରେ କମ୍ପୋଜିସନ | | |
| (ii) 3% ହାରରେ କମ୍ପୋଜିସନ | | |
| (iv) 3.5% ହାରରେ କମ୍ପୋଜିସନ | | |
| (v) 4% ହାରରେ କମ୍ପୋଜିସନ | | |
| (vi) 6% ହାରରେ କମ୍ପୋଜିସନ | | |
| (vii) ମୋଟ ଦେୟ ଟିକସ | | |

[ସଂଖ୍ୟା – 34713 -FIN-CT1-TAX-0035-2015]

ରାଜ୍ୟପାଳଙ୍କ ଆଦେଶମତେ

ଉପଶାସନ ସଚିବ

ଜ୍ଞାପକ ସଂଖ୍ୟା 34914 ତା 26.12.2016 ରିଖ

ଏହାର ଏକକିତା ନକଲ ବାଣିଜ୍ୟ ବିଭାଗର ଗେଜେଟ୍ ପ୍ରକୋଷ୍ଠ(Cell) କୁ ପ୍ରେରଣ ପୂର୍ବକ ଅନୁରୋଧ କରାଗଲା କି, ଉକ୍ତ ଅଧିସୂଚନାଟିକୁ ଓଡିଶା ଗେଜେଟ୍ ର ଏକ ଅସାଧାରଣ ସଂସ୍କରଣରେ ପ୍ରକାଶ କରିବେ ଏବଂ ଓଡିଶା ବାଣିଜ୍ୟକର ଆୟୁକ୍ତଙ୍କୁ ତାହାର ଏକ ଶତ ନକଲ ଏବଂ ଅର୍ଥ ବିଭାଗକୁ ଚାରି ଶତ ନକଲ ପ୍ରଦାନ କରିବେ ।

ଉକ୍ତ ଅଧିସୂଚନାଟି ବୈଧାନିକ ଅଟେ ଏବଂ ଏଥିରେ ଏସ୍.ଆର୍.ଓ. ସଂଖ୍ୟା ରହିବ ।

ଉପଶାସନ ସଚିବ

ଜ୍ଞାପକ ସଂଖ୍ୟା 34915 ତା 26.12.2016 ରିଖ

ଏହାର ଏକକିତା ନକଲ ବାଣିଜ୍ୟ କର ଆୟୁକ୍ତ, ଓଡିଶା, କଟକଙ୍କୁ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରେରଣ କରାଗଲା ।

ଉପଶାସନ ସଚିବ

ଜ୍ଞାପକ ସଂଖ୍ୟା 34916 ତା 26.12.2016 ରିଖ

ଏହାର ଏକକିତା ନକଲ ମୁଖ୍ୟ ରାଜ୍ୟ ପୋର୍ଟାଲ୍ (Head State Portal), ସୂଚନା ବୈଷୟିକ କେନ୍ଦ୍ର (IT Centre), ଓଡିଶା ସଚିବାଳୟଙ୍କୁ ଅର୍ଥ ବିଭାଗ Websiteରେ ସ୍ଥାପନ(Upload) କରିବା ପାଇଁ ପ୍ରେରଣ କରାଗଲା ।

ଉପଶାସନ ସଚିବ